## ଜିଲାପାଳଙ୍କ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା

ଦିଗପହଣ୍ଡି,(ଡି.ଏନ.ଏ.) ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୁଧବାର ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଡିଓ ହଳଧର ଶବର ଏବଂ ଦିଗପହଣ୍ଡି ତହସିଲଦାର ସିପକ କୁମାର ପାତ୍ରଙ୍କ ଉପସ୍ଥିତିରେ ଭୋଟ ଗ୍ରହଣ କେନ୍ଦ୍ରର ସ୍ଥିତି ସମ୍ପର୍କରେ ବୁଝିବା ସହ ଷ୍ଟ୍ରଙ୍ଗରୁମକୁ ବୁଲି ଦେଖିଥିଲେ। ଏହି ଅବସରରେ ସମସ୍ତ ପଞ୍ଚାୟତରେ ନିରପେକ୍ଷ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପରିଚାଳନା ଦିଗରେ ସ୍ଥାନୀୟ ପ୍ରଶାସନ ଯେକୌଣସି ସହଯୋଗ ଆବଶ୍ୟକ କରିବେ ତାହା ତତ୍କାଳ ଯୋଗାଇ ଦେବାକୁ ଗଞ୍ଜାମ ଜିଲା ପ୍ରଶାସନ ପ୍ରସ୍ତୁତ ଥିବା ସେ ଉପସ୍ଥିତ ଅଧିକାରୀମାନଙ୍କୁ ସୂଚନା ଦେଇଛନ୍ତି।

# ଗଞ୍ଜାମ ଜିଲାରେ ଜୋର ଧରିଲା ପ୍ରଚାର

- ବିଜେଡି ପାଇଁ ସମ୍ମାନର ପ୍ରଶ୍ନ
- ପ୍ରଚାରକୁ ଆସୁନାହାନ୍ତି ପୁରୁଖା କଂଗ୍ରେସ ନେତା

ବ୍ରହ୍ମପୁର ଅଫିସ,୨।୨

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ମତଦାନ ଆରମ୍ଭ ତାରିଖ ନିକଟତର ହୋଇଛି। ତେଣୁ ସର୍ବାଧିକ ୫୦୩ ପଞ୍ଚାୟତ ଥିବା ଗଞ୍ଜାମରେ ରାଜନୈତିକ ତତ୍ପରତା ପ୍ରକାଶ ପାଇଛି। ଚଳିତ ନିର୍ବାଚନରେ ମୁଖ୍ୟତଃ ଶାସକ ବିଜେଡି ଓ ମୁଖ୍ୟ ବିରୋଧୀ ଭାଜପା ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଘମାଘୋଟ ହେବାର ଏବେଠୁ ଆକଳନ କରାଯାଇଛି। ଗୋଷ୍ଠୀ କନ୍ଦଳ ଏବଂ ପୁରୁଣା ନେତା ଓ କର୍ମୀ ଦଳ କାର୍ଯ୍ୟକ୍ରମରେ ଦିଶୁ ନ ଥିବା ବେଳେ ନୂଆମାନେ ସେତେଟା ଜଣାଶୁଣା ନ ଥିବାରୁ କଂଗ୍ରେସର ସମସ୍ୟା ବଢ଼ାଇ ଦେଇଛି। ଅପରପକ୍ଷରେ ଏହି ନିର୍ବାଚନକୁ ବିଜେଡି ଗୁରୁତ୍ୱ ଦେଇଛି। ପ୍ରାର୍ଥୀ ଚୟନ ଓ ଜିଲା ପରିଷଦ ଜୋନ୍‌ର ସମସ୍ତ ଦାୟିତ୍ୱ ବିଧାୟକମାନଙ୍କୁ ନ୍ୟସ୍ତ କରାଯାଇଛି। ଫଳାଫଳରେ ବ୍ୟତିକ୍ରମ ହେଲେ ସେମାନେ ଉତ୍ତରଦାୟୀ ହେବାର ସ୍ପଷ୍ଟ ହୋଇଛି। ବୁଧବାର ଆଲୋଚନା ପ୍ରସଙ୍ଗରେ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ମଧ୍ୟ ଏହାକୁ ସ୍ୱୀକାର କରିଛନ୍ତି।

ସାନଖେମୁଣ୍ଡି ନିର୍ବାଚନ ମଣ୍ଡଳୀରେ ଦଳୀୟ ବିଧାୟକ ନ ଥିବାରୁ ଧରାକୋଟ ଓ ସାନଖେମୁଣ୍ଡି ବ୍ଲକର ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ହୋଇଛନ୍ତି ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା। ସେ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ସହ ଦୁଇ ବ୍ଲକର ସବୁ ଜୋନ୍‌ରେ ବୁଲୁଛନ୍ତି। ସେହିପରି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ଦଳରୁ ବର୍ଷକ ପୂର୍ବେ ବହିଷ୍କୃତ ହୋଇଥିବାରୁ ସେ ସମ୍ପୂର୍ଣ୍ଣ ଦୂରେଇ ରହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାଶ ଗୋପାଳପୁର ଦାୟିତ୍ୱରେ ଅଛନ୍ତି। ସେହି ନିର୍ବାଚନମଣ୍ଡଳୀର ୪ ଜିଲା ପରିଷଦ ଜୋନ୍‌ରୁ ୨୦୧୭ ନିର୍ବାଚନରେ ଦୁଇଟି ଭାଜପା ଦଖଲ କରିଥିଲା। ଏହି ନିର୍ବାଚନରେ ଶତ ପ୍ରତିଶତ ସଫଳତା ଲାଗି ବିଜେଡି ରଣନୀତି ପ୍ରସ୍ତୁତ କରିଛି।

ବିଜେଡି ନିର୍ବାଚନୀ ସାମଗ୍ରୀ ମଙ୍ଗଳବାର ରାତିରେ ବ୍ରହ୍ମପୁରସ୍ଥ ଦଳ କାର୍ଯ୍ୟାଳୟରେ ପହଞ୍ଚିଛି। ବୁଧବାର ପତାକା ସମେତ ଅନ୍ୟ ସାମଗ୍ରୀ ବିଭିନ୍ନ ବ୍ଲକକୁ ପଠାଯାଇଥିବା ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ତେବେ ପ୍ରାର୍ଥୀମାନଙ୍କ ଲାଗି ନଗଦ ନାରାୟଣ ସମ୍ପର୍କରେ ଜାଣିନଥିବା ଦର୍ଶାଇଛନ୍ତି। ତାହା ଜିଲା ପାଇଁ ଦଳ ପର୍ଯ୍ୟବେକ୍ଷକ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ସିଧା ବିଧାୟକଙ୍କ ସହ ସମ୍ପର୍କ ରଖୁଥିବା ଚ୍ୟାଉ ପଟ୍ଟନାୟକ ସ୍ପଷ୍ଟ କରିଛନ୍ତି। ବୁଧବାରରୁ ଜିଲାରେ ବିଜେଡିର ପ୍ରଚାର ଜୋରଦାର ହୋଇଥିବା ବିଭିନ୍ନ ସୂତ୍ରରୁ ଖବର ମିଳିଛି। ସେହିପରି ଭାଜପାର ଦୁଇଟି ଯାକ ସାଙ୍ଗଠନିକ ଜିଲାରେ ନିର୍ବାଚନୀ ପ୍ରଚାର ଲାଗି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି। ୨୦୧୭ ନିର୍ବାଚନରେ ଜିଲାର ୬୯ ଜିଲା ପରିଷଦ ଜୋନ୍‌ରୁ ଭାଜପାର ମାତ୍ର ୪ ନିର୍ବାଚିତ ହୋଇଥିଲେ। ଏଥର ଅଧିକ ଆସନ ଛଡ଼ାଇ ନେବାର ଟାର୍ଗେଟ କରିଛି ଭାଜପା।

ଗତ ନିର୍ବାଚନ ବେଳେ ଚନ୍ଦ୍ରଶେଖର ସାହୁ ଓ ଅନ୍ୟ ବଡ଼ ନେତାମାନେ କଂଗ୍ରେସରେ ଥିଲେ। ତଥାପି ଜିଲାର ମାତ୍ର ଗୋଟିଏ ଜୋନ୍‌ରେ କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇ ବଂଶରକ୍ଷା କରିଥିଲେ। ଏବେ ଚନ୍ଦ୍ରଶେଖର ବିଜେଡିରେ ଅଛନ୍ତି ଏବଂ ବ୍ରହ୍ମପୁର ଲୋକ ସଭା ସଦସ୍ୟ ହୋଇଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କୁ ଜିଲା କଂଗ୍ରେସ ସଭାପତି କରାଯାଇଛି। ସେ ନୂଆ ଟିମ୍ ଗଠନ କରି ପୁରୁଖାମାନଙ୍କୁ ପଚାରୁ ନାହାନ୍ତି। ପୁରୁଣା ନେତାମାନେ ସ୍ୱାଭିମାନୀ ହୋଇ ନିର୍ବାଚନ ପ୍ରଚାର ମଇଦାନକୁ ଆସୁନାହାନ୍ତି। ଅନ୍ୟପକ୍ଷରେ ଜିଲା କଂଗ୍ରେସ କାର୍ଯ୍ୟାଳୟରେ ନିର୍ବାଚନୀ ତଥ୍ୟ ମିଳୁନାହିଁ।

## ସଂକ୍ଷେପରେ

### ସୋରଡ଼ାରେ କଂଗ୍ରେସର ପ୍ରଚାର

ସୋରଡା,୨।୨(ଡି.ଏନ୍.ଏ.):ସୋରଡ଼ା ବ୍ଲକର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ସାନଖେମୁଣ୍ଡି ବିଧାୟକ ଜିଲା କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଜେନା ପହଞ୍ଚି ନିଜ ଦଳର ପ୍ରାର୍ଥୀମାନଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ବଡଗଡ, ପଦ୍ମପୁର, ଗାଙ୍ଗପୁର, ସିଦ୍ଧପୁର, ଏକଲପୁର, ବାଟଶାସନ ଅଞ୍ଚଳର ଜନସାଧାରଣଙ୍କୁ କଂଗ୍ରେସକୁ ଭୋଟିବାକୁ ଅନୁରୋଧ କରିଛନ୍ତି। ଏହାଛଡ଼ା ବ୍ଲକର ୪ ଜିଲାପରିଷଦ ଜୋନର ପ୍ରାର୍ଥୀମାନଙ୍କୁ ଜିତାଇବା ପାଇଁ ପ୍ରଚାର ଜାରି ରଖିବାକୁ ବ୍ଲକ କଂଗ୍ରେସ ସଭାପତି ହରିକୃଷ୍ଣ ରଥ କହିଛନ୍ତି। ଅନ୍ୟପଟେ ଭାଜପା ତରଫରୁ ବରିଷ୍ଠ ନେତା ନୀଳମଣି ବିଶୋୟୀ ନିଜ ଦଳର ପ୍ରାର୍ଥୀମାନଙ୍କୁ ଜିତାଇବାକୁ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି।

### ରାଇକିଆରେ ବିଜେଡିର ପ୍ରଚାର

ରାଇକିଆ,୨।୨(ଡି.ଏନ.ଏ.): ରାଇକିଆ ବ୍ଲକ ବିଜେଡି ତରଫରୁ ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ନିର୍ବାଚନୀ ପ୍ରଚାର ଆରମ୍ଭ କରିଛନ୍ତି। ବୁଧବାର ମଣ୍ଡକିଆ ଓ ପେଟାପାଙ୍ଗାଠାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଦଳୀୟ ପ୍ରାର୍ଥୀ ସୁନନ୍ଦାବେହେରାଙ୍କ ପାଇଁ ପ୍ରଚାର କରିଛନ୍ତି। ଏଥିସହ ବେରେଡାକିଆ ପଞ୍ଚାୟତରେ କର୍ମୀଙ୍କୁ ଭେଟି ଦଳୀୟ ପ୍ରଚାର ସମ୍ପର୍କରେ ଆଲୋଚନା କରିଛନ୍ତି।

### ଛାତରୁ ଖସି ଶ୍ରମିକ ଗରୁତର

ପାତ୍ରପୁର,୨।୨(ଡି.ଏନ.ଏ)- ପାତ୍ରପୁର ବସ୍‌ଷ୍ଟାଣ୍ଡରେ ବୁଧବାର ଜଣେ ଶ୍ରମିକ ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ସେ ହେଲେ ସୁନାପୁର ଗ୍ରାମର ଗୋବିନ୍ଦ ରାଉଳ (୩୫)। ଗୋବିନ୍ଦ ପାତ୍ରପୁର ଗ୍ରାମର ଜଣଙ୍କ ଘର ରଙ୍ଗ ମାରୁଥିବା ବେଳେ ଘରକୁ ଲାଗି ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ତଳେ ପଡିଥିଲେ। ତାଙ୍କୁ ପାତ୍ରପୁର ମେଡିକାଲ, ବ୍ରହ୍ମପୁର ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବିଜେଡି ସାଂଗଠନିକ ବୈଠକ

ଗଞ୍ଜାମ,୨।୨(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ବିଜେଡି ପକ୍ଷରୁ ଏକ ସାଙ୍ଗଠନିକ ବୈଠକ ଗୋପାଳପୁର ସ୍ଥିତ ମଲ୍ଲିକେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା, ପୂର୍ବତନ ବିଧାୟକ ଆଦିକନ୍ଦ ସେଠୀ, ୧୪ ନଂ ଜିଲାପରିଷଦ ପ୍ରାର୍ଥିନୀ ସସ୍ମିତା ସ୍ୱାଇଁ, ୧୫ ନଂ ଜିଲାପରିଷଦ ପ୍ରାର୍ଥୀ ସନାତନ ବେହେରା, ନିର୍ଦ୍ୱନ୍ଦ୍ୱ ସରପଞ୍ଚ କବିତା ସାହୁ, ସମିତିସଭ୍ୟା କବିତା ରେଡ୍ଡୀ ପ୍ରମୁଖ ମଞ୍ଚାସୀନ ଥିଲେ। ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ପୂର୍ବତନ ଏନ୍‌ଏସି ଅଧକ୍ଷା ଉର୍ମିଳା ପଲାଇ, ଉପାଧକ୍ଷ ନୀଳାଞ୍ଚଳ ବାରିକି, ବିଜେଡି ଏନ୍‌ଏସି ସଭାପତି ସୁଧୀର କୁମାର ପାଢ଼ୀ, ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଗଞ୍ଜାମ ବ୍ଲକ ସଭାନେତ୍ରୀ ଜୟନ୍ତୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଦଳୀୟ ପ୍ରଚାର ଗାଡିର ଶୁଭାରମ୍ଭ କରିଥିଲେ ବିଧାୟକ। ସରପଞ୍ଚ ନିରଞ୍ଜନ ରେଡ୍ଡୀ, ପ୍ରଭାତ ସେଠୀ, ସମିତିସଭ୍ୟ କୈଳାସ ସ୍ୱାଇଁ, ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ବ୍ଲକ ସମ୍ପାଦକ ଉମା ଜେନା, ପୂର୍ବତନ ବ୍ଲକ ଅଧକ୍ଷ ରଘୁନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୫୭ନଂ. ଜୋନ୍‌ରେ ପ୍ରଚାର ଜୋରଦାର

ଶେରଗଡ଼,୨।୨(ଡି.ଏନ୍.ଏ.)-ଶେରଗଡ ବ୍ଲକ ୫୭ନଂ. ଜୋନ୍ ଜିଲା ପରିଷଦ ପାଇଁ ବିଜେଡି ପକ୍ଷରୁ ପ୍ରଚାର ଆରମ୍ଭ କରାଯାଇଛି। ଅଲାରିଗଡ଼ ଗ୍ରାମରୁ ଜଗନ୍ନାଥ ଦର୍ଶନ ସାରି ପ୍ରାର୍ଥିନୀ ନିବେଦିତା ପ୍ରଧାନ, ବ୍ଲକ ଅଧକ୍ଷା ସାରସ ସ୍ୱାଇଁଙ୍କୁ ନେଇ ଅଲାରିଗଡ଼, ଖଇରାବେଠି, ଲକ୍ଷ୍ମୀପୁର ଗ୍ରାମରେ ପ୍ରଚାର କରିଛନ୍ତି। ଅଲାରିଗଡ଼ଠାରେ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, ମଙ୍ଗୁଲୁ ସ୍ୱାଇଁ ସ୍ୱାଗତ କରିଥିଲେ। ସେହିପରି କୁରୁଳା ପଞ୍ଚାୟତରେ ମଧ ବିଜେଡି ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ନିବେଦିତା ପ୍ରଧାନ ପ୍ରଚାର କରିଥିଲେ।

### ଦୌଡ଼ରେ ଗଞ୍ଜାମ ଜିଲାକୁ ୪ ସ୍ୱର୍ଣ୍ଣ

ବ୍ରହ୍ମପୁର ଅଫିସ,୨।୨-ଇଣ୍ଟନ୍ୟାଶନାଲ ରୁରାଲ ଯୁଥ ଅଲିମ୍ପିକ ଗେମସ୍ ଫେଡ଼େରେଶନ ପକ୍ଷରୁ ଜାନୁୟାରୀ ୨୮ରୁ ୩୦ ପର୍ଯ୍ୟନ୍ତ ଗୋଆ ମଡ଼ଗାଓଁଠାରେ ନ୍ୟାଶନାଲ ରୁରାଲ ଯୁଥ ଅଲିମ୍ପିକ ଗେମସ୍ ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଞ୍ଜାମ ଜିଲାରୁ ମାତ୍ର ଦୁଇଜଣ କ୍ରୀଡ଼ାବିତ ଡ଼ି. ସନ୍ଦିପ ରାଓ ଓ ପଞ୍ଚାନନ ସେଠୀ ଦୌଡ଼ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ଏଥିରେ ୧୦୦ ମିଟର ଦୌଡ଼ ଓ ୨୦୦ ମିଟର ଦୌଡ଼ରେ ପ୍ରଥମ ଏବଂ ପଞ୍ଚାନନ ୪୦୦ ଓ ୮୦୦ ମିଟର ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଉଭୟ ୨ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଉଭୟ କ୍ରୀଡ଼ାବିତ୍‌ଙ୍କ ଏହି ସଫଳତାରେ କୋଚ ସୀମାଞ୍ଚଳ ପାଢ଼ୀଙ୍କ ସମେତ ବ୍ରହ୍ମପୁର ଫିଜିକାଲ ଏକାଡ଼େମିର କ୍ରୀଡ଼ାବିତ୍‌ମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଗାନ୍ଧୀ ପ୍ରତିମୂର୍ତ୍ତି ଭାଙ୍ଗିବା ପ୍ରତିବାଦରେ ଧାରଣା


ଧାରଣାରତ ସଂଘ କର୍ମକର୍ତ୍ତା ।

ବ୍ରହ୍ମପୁର ଅଫିସ,୨।୨

ରାସ୍ତା ନିର୍ମାଣ ନାମରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗା ଯିବା ଅଭିଯୋଗରେ ବୁଧବାର ଭାରତୀୟ ବିକାଶ ପରିଷଦ ପକ୍ଷରୁ ଗାନ୍ଧୀ ଛକ ସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିଠାରେ ୨ ଘଣ୍ଟିଆ ଗଣଧାରଣା ଦିଆଯାଇଛି। ବିକାଶ ପରିଷଦ ପକ୍ଷରୁ କୁହାଯାଇଛି, ୧୯୯୨ରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିକୁ ଗାନ୍ଧୀ ପାର୍କରୁ ଉଠାଯାଇ ମୋଚି ସାହିଠାରେ ସ୍ଥାପନ କରାଯାଇଥିଲା। ଏହା ପରେ ପ୍ରତିମୂର୍ତ୍ତିକୁ ରାସ୍ତା ମରାମତି ନାମରେ ସ୍ଥାପିତ ମୂର୍ତ୍ତିକୁ ଭାଙ୍ଗି ମୁସଲିମ ବସ୍ତି ନିକଟ ଏକ ବିଦ୍ୟାଳୟ ପାଖରେ ରଖାଯାଇଥିଲା। ନିକଟରେ ମହାତ୍ମା ଗାନ୍ଧୀଙ୍କ ୭୫ତମ ଶ୍ରାଦ୍ଧ ଦିବସ ଅବସରରେ କେତେକ ବୁଦ୍ଧିଜୀବୀ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କିନ୍ତୁ ବର୍ତ୍ତମାନ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିକୁ ଉଠାଯାଇ ପୁଣି ଅନ୍ୟତ୍ର ଫୋପାଡି ଦିଆଯାଇଥିବା ଭାରତୀୟ ବିକାଶ ପରିଷଦ ଅଭିଯୋଗ କରିଛି। ଯାହାକି ମହାତ୍ମାଙ୍କ ପ୍ରତି ଅସମ୍ମାନ ବୋଲି ସଂଘ ପ୍ରକାଶ କରିଛି। ଏହା ବିଏମ୍‌ସି ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ପରିଷଦ ଅଭିଯୋଗ କରିଛନ୍ତି। ଏଣୁ ଏଭଳି ବ୍ୟକ୍ତିଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ବିକାଶ ପରିଷଦ ଦାବି କରିଛି। ଧାରଣାରେ କିଶୋର ଚନ୍ଦ୍ର ପାତ୍ର, ମାଧବ ଜେନା, ଗୁରୁ ଚରଣ ପାତ୍ର, ରାଜେନ୍ଦ୍ର ଦଳବେହେରା ଓ ସାଗର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବେଲଗାଁ ପଞ୍ଚାୟତରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ବ୍ରହ୍ମପୁର ଅଫିସ,୨।୨

ହିଞ୍ଜିଳିକାଟୁ ବ୍ଲକ ଅନ୍ତର୍ଗତ ବେଲଗାଁ ପଞ୍ଚାୟତଠାରେ ବୁଧବାର ନୂତନ ବିଜୁ ଜନତା ଦଳ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ହିଞ୍ଜିଳି ବ୍ଲକ ଅଧକ୍ଷ ଏନ.ରଘୁନାଥ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସୂଚନାଯୋଗ୍ୟ, ୬୯ ନଂ. ଜୋନ୍ ବିଜେଡି ପ୍ରାର୍ଥୀ ପ୍ରୀତି ସାହୁଙ୍କ ଆହ୍ୱାନ କ୍ରମେ ଏହି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ହିଞ୍ଜିଳି ବିଜେଡି ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ସାମାଜିକ କର୍ମୀ ଜି.ବିଶ୍ୱନାଥ, ୬୯ନଂ. ଜୋନ ଜିଲା ପରିଷଦ ସଭ୍ୟ ଦୁର୍ଗା ମାଧବ ମହାନ୍ତି, ଯୁବ ନେତା ଅନୁପ ପାଣିଗ୍ରାହୀ, ଅଜୟ ମହାରଣାଙ୍କ ସମେତ ୬୯ ନଂ. ଜୋନ୍ ଅନ୍ତର୍ଗତ ୮ ପଞ୍ଚାୟତର ସରପଞ୍ଚ ଓ ସମିତି ପ୍ରାର୍ଥୀ ଉପସ୍ଥିତ ଥିଲେ।

## ଖୋଡ଼ାସିଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ସଚେତନତା ରଥ ଶୁଭାରମ୍ଭ


ସ୍ୱାସ୍ଥ୍ୟ କେନ୍ଦ୍ରରେ ସଚେତନ ରଥ ଶୁଭାରମ୍ଭ ।

ବ୍ରହ୍ମପୁର ଅଫିସ,୨।୨

ବ୍ରହ୍ମପୁର ଖୋଡାସିଙ୍ଗି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଏହାକୁ ଅରୁଣା ସଭାପତି ପଦ୍ମନାଭ ଦାଭେ ଉଦ୍‌ଘାଟନ କରିଥିଲେ। ନିର୍ବାଚନ ସମୟରେ ଜନସାଧାରଣ କିଭଳି କୋଭିଡ୍‌ଠାରୁ ନିଜକୁ ସୁରକ୍ଷିତ ରଖିବେ ସଚେତନତା ରଥର ମୁଖ୍ୟ ଉଦ୍ଦେଶ୍ୟ ବୋଲି କେନ୍ଦ୍ର ପକ୍ଷରୁ କୁହାଯାଇଛି। ଏହି ରଥ ଜିଲାର ୬ ବ୍ଲକର ୨୦୦ ଗ୍ରାମକୁ ଯାଇ ସଚେତନ କରିବ। ଏଥିସହ ୧୫ ଓ ୧୮ ବର୍ଷ ଏବଂ ଯୋଗ୍ୟ ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ ଓ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ପ୍ରଦତ୍ତ ସମସ୍ତ କୋଭିଡ୍ ନିୟମାବଳୀ ସମ୍ପର୍କରେ ସଚେତନ କରିବ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମେଡିକାଲ ଅଧିକାରୀ ବଂଶୀଧର ପାଣିଗ୍ରାହୀ, ସଦାଶିବ ପାଣିଗ୍ରାହୀ, ଅରୁଣା ନିର୍ଦ୍ଦେଶକ ଲୋକନାଥ ମିଶ୍ର, ସମ୍ପାଦିକା ସୌଦାମିନୀ ରଥଙ୍କ ସମେତ ଦେବବ୍ରତ ମାହୁନ୍ତ, ସୁସ୍ମିତା ଭୋଇ, ମାର୍କଣ୍ଡ ମିଶ୍ର, ସୂର୍ଯ୍ୟସ୍ନିନ କୁମାର ପଣ୍ଡିତ ଓ ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଗୁଡ଼ା ଜେଏମ୍‌ଏଫ୍‌ସିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବୁଗୁଡ଼ା,୨।୨(ଡି.ଏନ.ଏ.)

ବୁଗୁଡ଼ା କୋର୍ଟର ଜେଏମ୍‌ଏଫ୍‌ସି ସୋନାଲି ଅପରାଜିତାଙ୍କ କେନ୍ଦ୍ରାପଡା କୋର୍ଟକୁ ବଦଳି ପରେ ବୁଗୁଡ଼ା ବାର୍ ଆସୋସିଏଶନ ପକ୍ଷରୁ ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବାର୍ ଆସୋସିଏଶନ ସଭାପତି ହରପ୍ରସାଦ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଓକିଲ ସରୋଜ ଚନ୍ଦ୍ର ସାହୁ, ଭକ୍ତ ରାମ ଦାଶ, ରବୀନ୍ଦ୍ର ପଣ୍ଡା, ପ୍ରଭାତ କୁମାର ଜେନା ଉପସ୍ଥିତ ଥିଲେ। ବୈଠକରେ ଓକିଲ ଅନିଲ ପଟ୍ଟନାୟକ, ମାନସ ରଞ୍ଜନ ଦାଶ, ସରୋଜ କୁମାର ଦାଶ, ଅମର ପଟ୍ଟନାୟକ, ମନୋଜ କୁମାର ପାଣିଗ୍ରାହୀ, ବ୍ରହ୍ମାନନ୍ଦ ରେଡ୍ଡୀ, ଆର୍ତ୍ତ ବନ୍ଧୁ ଖାଡ଼ଙ୍ଗା, ସୁଶାନ୍ତ ସେଠୀ, ନିଲୁ ପରିଡା, ସଂଗ୍ରାମ ପାତ୍ର, ସୁଦର୍ଶନ ପାତ୍ର, କାହ୍ନୁ ବୈକୁଣ୍ଠ ବିହାରୀ, ଶ୍ୟାମ ସୁନ୍ଦର ବିଷୋୟୀ ଯୋଗ ଦେଇ ଥିଲେ।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା
## ଅଭିଯୁକ୍ତ ବନପାଳଙ୍କୁ ସର୍ତ୍ତମୂଳକ ଜାମିନ

ବ୍ରହ୍ମପୁର ଅଫିସ,୨।୨-ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଗିରଫ ହୋଇ ଜେଲରେ ଥିବା ଗଜପତି ଜିଲା ଆର.ଉଦୟଗିରି ରେଞ୍ଜ ଅଧୀନ ନୂଆଗଡ ବନପାଳ ଗଣେଶ ପ୍ରଧାନଙ୍କୁ ହାଇକୋର୍ଟ ନିର୍ଦ୍ଦେଶରେ ଜାମିନ ମିଳିଛି। ବୁଧବାର ଗଞ୍ଜାମ ଜିଲା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଲୁନା ମହାନ୍ତି ଅଭିଯୁକ୍ତ ଗଣେଶଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଛନ୍ତି।

ପ୍ରକାଶ ଯେ, ଗଜପତି ଜିଲା ଆର.ଉଦୟଗିରି ରେଞ୍ଜ ଅଧୀନରେ ଥିବା ନୂଆଗଡ ବନପାଳ ଗଣେଶଙ୍କ ବିରୋଧରେ ହୋଇଥିବା ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ଗଣେଶଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ମୂଲ୍ୟ ୧ କୋଟିରୁ ଉର୍ଦ୍ଧ୍ୱ ଆକଳନ ହୋଇଥିଲା। ସେଥିମଧ୍ୟରୁ ୯୨ଲକ୍ଷ ୨୨ହଜାର ୫୬ ଟଙ୍କାର ହିସାବ ଭିଜିଲାନ୍ସକୁ ସେ ଦେଇପାରି ନ ଥିଲେ। ଭିଜିଲାନ୍ସ ତାଙ୍କୁ ଗତ ଡିସେମ୍ବର ୮ ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୂର୍ବରୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଅଭିଯୁକ୍ତ ଗଣେଶଙ୍କ ଜାମିନ ଆବେଦନ ଖାରଜ କରି ଦେଇଥିଲେ। ଶେଷରେ ଉଚ୍ଚ ନ୍ୟାଳୟରେ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଏହାର ଶୁଣାଣି କରି ଗଣେଶଙ୍କୁ ଜାମିନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୁଦର୍ଶନ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

## ଏକାଡେମି କପ୍ କ୍ରିକେଟ ଟୁର୍ନାମେଣ୍ଟ


ଅତିଥିଙ୍କ ସହ ମ୍ୟାନ ଅଫ ଦି ମ୍ୟାଚ ବିଜେତା ।

ବ୍ରହ୍ମପୁର ଅଫିସ,୨।୨

### ଫାଇନାଲରେ ଲିଡ୍ସ

ବ୍ରହ୍ମପୁର ମେଡିକାଲ ପଡ଼ିଆଠାରେ ଚାଲିଥିବା ଏକାଡେମି କପ୍ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ବୁଧବାର ମେଡିକାଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ସେମିଫାଇନାଲ ମ୍ୟାଚ ଲିଡ୍ସ ରାଇଜର ଓ ଲିଡ୍ସ କ୍ରିକେଟ ଏକାଡେମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଟସ୍ ଜିତି ଲିଡ୍ସ ରାଇଜର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୦ ଉଇକେଟ ହରାଇ ୧୧୫ ରନ ସଂଗ୍ରହ କରିଥିଲା। ଜବାବରେ ଲିଡ୍ସକ୍ରିକେଟ ଏକାଡେମି ୧୫ ଓଭରରେ ୪ ଉଇକେଟ ହରାଇ ୧୧୮ ରନକରି ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଥିଲା। ବୁଧବାର ମ୍ୟାଚରେ ଲିଡ୍ସ କ୍ରିକେଟ ଏକାଡେମିର ଅନିଲ ରାଓ ୪ ଓଭରରେ ୨୭ ରନ ଏବଂ ୨ ଉଇକେଟ ସଂଗ୍ରହ କରିଥିବା ବେଳେ ସତ୍ୟ ସୁଆର ୩ ଓଭରରେ ୧୬ ରନ କରି ୨ ଉଇକେଟ ଅକ୍ତିଆର କରି ଉଭୟେ ମ୍ୟାନ ଅଫ ଦ ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚ ଶେଷରେ ଜାତୀୟ ସ୍ତରୀୟ ବ୍ୟାଡ୍‌ମିଣ୍ଟନ ରେଫରି ସୌମିତ୍ରୀ ପ୍ରସାଦ ଦାସ ଓ ମହାନଗର ଯୁବ ବିଜେଡି ସମ୍ପାଦକ ମଧୁସୂଦନ ରାଓ ଅତିଥି ଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ପୁରସ୍କୃତ ଓ ଉତ୍ସାହିତ କରିଥିଲେ। ଗୁରୁବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଲିଡ୍ସ ସ୍ପୋର୍ଟିଂ କ୍ଲବ ଓ ଆଲଫା ସ୍ପୋର୍ଟିଂ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ।

## ଘରେ ପଶି ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର ଅଫିସ,୨।୨

ଘରେ ପଶି ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ପୁରୁଣା ବ୍ରହ୍ମପୁର ପାଣ୍ଡବନଗରର କମଳ କୁମାର ହାତୀ(୨୧)। ପୋଲିସ ତାଙ୍କ ନିକଟରୁ ଘଟଣା ବେଳେ ବ୍ୟବହୃତ ଏକ ଖଣ୍ଡା ଜବତ କରିଛି। ମାମଲା ନଂ.୨୨/୨୨ ରେ ବୁଧବାର ପୋଲିସ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା କହିଛି। ପାଣ୍ଡବ ନଗରସ୍ଥିତ ଏକ କଲ୍ୟାଣ ମଣ୍ଡପରେ ଚାଲିଥିବା ଜୁଆ ଖେଳକୁ ଉକ୍ତ ସାହିରେ ରହୁଥିବା ରାଜେନ୍ଦ୍ର ମୃଦଙ୍ଗେୟା ବିରୋଧ କରିଥିଲେ। ପରେ ଜଣେ ଯୁବକ ଏକ ଖଣ୍ଡା ଧରି ମଙ୍ଗଳବାର ରାତିରେ ରାଜେନ୍ଦ୍ରଙ୍କ ଘରକୁ ଯାଇଥିଲେ। ଘର ପିଣ୍ଡାରେ ବସିଥିବା ରାଜେନ୍ଦ୍ରଙ୍କ ବୃଦ୍ଧା ଜେଜେମା ରିତା ମୃଦଙ୍ଗେୟାଙ୍କୁ ସେ ଧକ୍କା ମାରି ଘରେ ପଶିଥିଲେ। ପରେ ଘର ଭିତରେ ଥିବା ରାଜେନ୍ଦ୍ରଙ୍କୁ ଅଭିଯୁକ୍ତ ଖଣ୍ଡାରେ ଆକ୍ରମଣ କରି ଚମ୍ପଟ ମାରିଥିଲେ। ପରେ ରାଜେନ୍ଦ୍ର ଏନେଇ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ଅନୁସନ୍ଧାନ କରି ପୋଲିସ ଅଭିଯୁକ୍ତ କମଳ କୁମାର ହାତୀଙ୍କୁ ବୁଧବାର ଗିରଫ କରିଥିବା କହିଛି।

## ଟିକିଟିରେ କମୁନି ହାତୀ ଉପଦ୍ରବ

ଟିକିଟି,୨।୨(ଡି.ଏନ.ଏ.)


ହାତୀପଲ ନଷ୍ଟ କରିଥିବା ଧାନ।

ଟିକିଟି ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଦୀର୍ଘ ଏକ ବର୍ଷ ଧରି ହାତୀ ଉପଦ୍ରବ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି । ଲଖାରୀ ଜଙ୍ଗଲରୁ ଆସିଥିବା ୧୨ ଟିକିଆ ହାତୀପଲରେ ମାଖନ ହାତୀ ୨, ମାଈ ହାତୀ ୭, ଛୁଆ ହାତୀ ୪ଟି ରହିଥିବା ଦିଗପହଣ୍ଡି ବନବିଭାଗ ରେଞ୍ଜର କାହ୍ନୁଚରଣ ପଟ୍ଟନାୟକ ସୂଚନା ଦେଇଛନ୍ତି। ଗତ ୨ଦିନ ମଧ୍ୟରେ କଳବାଡ ପଞ୍ଚାୟତ ଭୋଳାସିଙ୍ଗି ଗ୍ରାମର ଚାଷୀ ସୁଦର୍ଶନ ପାଢୀ, ନାଲୁ ସାହୁ ଓ ଲିଆଖାଇ ଗ୍ରାମର ସୁରେନ୍ଦ୍ର ପ୍ରଧାନଙ୍କ ସମେତ କେତେଜଣ ଚାଷୀଙ୍କ ଖଳାରେ ଅମଳକରି ରଖାଯାଇଥିବା ଧାନସବୁ ନଷ୍ଟ କରିଦେଇଛନ୍ତି। ଦୁଇ ସପ୍ତାହ ତଳେ ଗୋବିନ୍ଦନଗର ଗ୍ରାମର ଗୋବର୍ଦ୍ଧନ ସାହୁଙ୍କ ୩ ଏକର ଜମିର ୪୦ବସ୍ତା ଧାନ, ରଇତ ସାହୁଙ୍କ ୫ ଏକର ଜମିର ଧାନ କଳେଇ, ଏମ୍ ଦାଲେୟାଙ୍କ ୫ ଏକର ଜମିର ଧାନକଳେଇ ସମେତ ଝିଙ୍କିପଦର, ରାଧାମୋହନପୁର, କିଶୋରଚନ୍ଦ୍ରପୁର ଗ୍ରାମଗୁଡିକରେ ହାତୀପଲ ପଶି ଛତୁବାଡ, ଅମଳ ହୋଇଥିବା ଧାନ, ପନିପରିବା, କଦଳି ଓ ନଡିଆ ଗଛ ନଷ୍ଟ କରିବା ସହିତ ଧାନବସ୍ତାଗୁଡିକ ଏଣେତେଣେ ଫୋପାଡି ନଷ୍ଟ କରିଥିବା ନେଇ କ୍ଷତିଗ୍ରସ୍ତ ବହୁ ଚାଷୀ ଅଭିଯୋଗ କରିଛନ୍ତି । କ୍ଷତିଗ୍ରସ୍ତ ହେବାର ଦୀର୍ଘଦୁଇ ସପ୍ତାହ ବିତିଥିଲେ ସୁଦ୍ଧା କ୍ଷତିପୂରଣ ପାଇନାହାନ୍ତି, ଫଳରେ ଚାଷୀଙ୍କ ମନରେ ଅସନ୍ତୋଷ ଦେଖାଦେଇଛି। ଗତ ରବିବାର ରାତିରେ ଟିକିଟି ଉପକଣ୍ଠ ରାମଗୁଡା ନିକଟସ୍ଥ ଆମ୍ବ ତୋଟାରେ ନୂତନ ହାତୀ ଶାବକ ଜନ୍ମ ହେବାପରେ ବର୍ତ୍ତମାନ ହାତୀପଲ ଉଗ୍ର ହୋଇଛନ୍ତି। ମଙ୍ଗଳବାର ୧୨ ଟିକିଆ ହାତୀପଲ ସମେତ ନୂତନ ହାତୀ ଶାବକକୁ ଧରି ଟିକିଟି, ଭୋଳାସିଙ୍ଗି, କୋଲଥିଆ, ଲିଆଖାଇ ଦେଇ ବାଲିଘାଇ ନିକଟସ୍ଥ ବାଲିପଦର ତୋଟାରେ ଥିବା ବନବିଭାଗ ପକ୍ଷରୁ କୁହାଯାଇଛି। ଉକ୍ତ ଅଞ୍ଚଳରୁ ହାତୀଙ୍କୁ ତୁରନ୍ତ ଘଉଡାଇବାକୁ ଉଚ୍ଚକର୍ତ୍ତୃପକ୍ଷଙ୍କୁ ନିବେଦନ କରାଯାଇଛି। ଅପରପକ୍ଷରେ ବନବିଭାଗ ପକ୍ଷରୁ ହାତୀପଲ ଉପରେ ତୀକ୍ଷ୍ଣ ନଜର ରଖିଛି। ଲୋକମାନଙ୍କୁ ହାତୀପଲ ନିକଟକୁ ନ ଯିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ସହକାରୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଲିଗୁଡା,୨।୨(ଡି.ଏନ.ଏ.)

ବାଲିଗୁଡ଼ାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ନୂଆସାହିରେ କାର୍ଯ୍ୟରତ ସହକାରୀ ଶିକ୍ଷକ ପବିତ୍ର ମୋହନ ପାଢ଼ୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଉକ୍ତ ଉତ୍ସବରେ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସଭାପତି ରୂପେ ଶ୍ରୀମତୀ ରେଣୁକାବତୀ ସାହାଣୀ ଉପସ୍ଥିତ ଥିବା ବେଳେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବଳରାମ ବେହେରା ଏବଂ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ସୁକଦେ ନାୟକ ଏବଂ ସିଆରସିସି ଗୌରୀଶଙ୍କର ପାଢ଼ୀ, ଅମୂଲ୍ୟ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଶିକ୍ଷୟିତ୍ରୀ ଶ୍ରୀମତୀ ନିବେଦିତା ନାୟକ ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଙ୍କ ବକ୍ତବ୍ୟ ପରେ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଶେଷରେ ସହକାରୀ ଶିକ୍ଷକ ଶିଶିରକାନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ନିର୍ବାଚନ ଆଚରଣ ବିଧି ପାଳନ ସମ୍ପର୍କିତ ବୈଠକ

ବୁଗୁଡା,୨।୨(ଡି.ଏନ.ଏ.)

ବୁଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ବାଚନ ଆଚରଣ ବିଧି ପାଳନ ସମ୍ପର୍କିତ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦ୍ୱିତୀୟ ପର୍ଯ୍ୟାୟ ତଥା ଆସନ୍ତା ଫେବୃଆରୀ ୧୮ରେ ଅନୁଷ୍ଠିତ ହେବାକୁ ଯାଉଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସମସ୍ତ ସମିତି ସଭ୍ୟ ଓ ସରପଞ୍ଚ ପ୍ରାର୍ଥୀ ଯୋଗ ଦେଇଥିଲେ। ବ୍ଲକ ନିର୍ବାଚନ ଅଧିକାରୀ ତନ୍ମୟ ପାତ୍ର ଉପସ୍ଥିତ ରହି ସମସ୍ତ ପ୍ରାର୍ଥୀଙ୍କୁ ସେମାନଙ୍କ ନିର୍ବାଚନ ଖର୍ଚ୍ଚ ଓ ଆଚରଣ ବିଧି ସମ୍ପର୍କରେ ତାଲିମ ପ୍ରଦାନ କରିବା ସହ ନିର୍ବାଚନ ସମ୍ପର୍କୀୟ ପୁସ୍ତିକା ବଣ୍ଟନ କରିଥିଲେ। ଅନ୍ୟପକ୍ଷରେ ଜିଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲାପାଳଙ୍କ ପକ୍ଷରୁ ପ୍ରତି ବ୍ଲକର ନିର୍ବାଚନ ଅଧିକାରୀଙ୍କୁ ଭିଡିଓ କନଫରେନ୍ସ ମାଧ୍ୟମରେ ମାଷ୍ଟର ତାଲିମଦାତା ଭାବେ ମଧ୍ୟ ତାଲିମ ପ୍ରଦାନ କରାଯାଇଥିଲା। ବୁଗୁଡା ବ୍ଲକ ପାଇଁ ସ୍ଥାନୀୟ ବିଡିଓ ତନ୍ମୟ ପାତ୍ର ଓ ତହସିଲଦାର ସଂଗ୍ରାମ କେଶରୀ ଜେନା ମାଷ୍ଟର ଟ୍ରେନର ଭାବେ ତାଲିମ ଗ୍ରହଣ କରିଥିଲେ। ଏହି ଦୁଇ ଅଧିକାରୀ ଆସନ୍ତା ଫେବୃଆରୀ ୭ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ତାଲିମ ଶିବିରରେ ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଙ୍ଗ ଅଫିସର ମାନଙ୍କୁ ତାଲିମ ପ୍ରଦାନ କରିବେ।

## ସବ୍‌ଜଜ୍‌ଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୨।୨

ଗଞ୍ଜାମ ଜିଲା ଦୌରା ଜଜ୍ କୋର୍ଟରେ ଥିବା ସବ୍‌ଜଜ୍ ସୌମ୍ୟରଞ୍ଜନ ମହାପାତ୍ରଙ୍କର ବଦଳି ହୋଇଛି। ଉଚ୍ଚ ନ୍ୟାୟାଳୟ ପରିସରରେ ଥିବା ଆଇନ ସେବା ପ୍ରାଧିକରଣର ଯୁଗ୍ମ ସମ୍ପାଦକ ଭାବେ ସେଠାକୁ ବଦଳି ହୋଇଛି। ବୁଧବାର ସୌମ୍ୟରଞ୍ଜନଙ୍କୁ କୋର୍ଟର ମୁଖ୍ୟ କିରାଣି ଓ ଅନ୍ୟ କର୍ମଚାରୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଥିଲେ। ସେ ଆସନ୍ତା ୭ ତାରିଖରେ ହାଇକୋର୍ଟରେ କାର୍ଯ୍ୟଭାର ଗ୍ରହଣ କରିବେ। ସେହିପରି ପୁରୀ ଜିଲା କୋର୍ଟରେ ସବ୍‌ଜଜ୍ ଥିବା ସନ୍ଦୀପ କୁମାର ପଟ୍ଟନାୟକଙ୍କ ବ୍ରହ୍ମପୁର ଜିଲା କୋର୍ଟକୁ ସବ୍‌ଜଜ୍ ଭାବେ ବଦଳି ହୋଇଛି। ସେ ମଧ୍ୟ ଆସନ୍ତା ୭ ରେ କାର୍ଯ୍ୟଭାର ଗ୍ରହଣ କରିବେ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ।

# ମନ୍ଥର ଗତିରେ କେନାଲ ସମ୍ପ୍ରସାରଣ

**ଭଞ୍ଜନଗର,୨।୨(ଡି.ଏନ.ଏ.)**

ଗଞ୍ଜାମ ଜିଲାରେ ଗତ କିଛିବର୍ଷ ହେଲା ଧାନ ଫସଲ ଅମଳ ସମୟରେ ପ୍ରାକୃତିକ ଦୁର୍ବିପାକ ଦେଖାଦେଉଛି। ପ୍ରଥମେ ବର୍ଷା ଅଭାବ ଏବଂ ଅମଳ ବେଳେ ବାତ୍ୟା, ବନ୍ୟା ଯୋଗୁ ଚାଷୀମାନେ କ୍ଷତି ସହୁଛନ୍ତି। ଗତ ଖରିଫ୍ ଧାନ ଚାଷ ଆରମ୍ଭ ସମୟରେ ଭଞ୍ଜନଗର ଉପଖଣ୍ଡରେ ଠିକ୍ ଭାବେ ବର୍ଷା ହେଲାନାହିଁ। ତେଣୁ ଅନେକ ଜମି ପଡ଼ିଆ ପଡ଼ିଲା। ପରେ ଫସଲ ଅମଳ ସମୟରେ ଅଦିନିଆ ବର୍ଷାରେ ବ୍ୟାପକ ଫସଲ ନଷ୍ଟ ହେଲା । ରାଜ୍ୟ ସରକାର ଅଧିକରୁ ଅଧିକ ଜମିକୁ ଜଳସେଚନ ଲକ୍ଷ୍ୟ ରଖିଥିଲେ ମଧ ତାହା ବିଭିନ୍ନ କାରଣରୁ ସଫଳ ହୋଇ ପାରୁନାହିଁ। ଭଞ୍ଜନଗର ଜଳଭଣ୍ଡାର ବାମ କେନାଲ ଓ ହରଭଙ୍ଗୀ ପ୍ରକଳ୍ପ କାମ ସମ୍ପୂର୍ଣ୍ଣ ହୋଇ ନ ପାରିବା ଏହାର ଉଦାହରଣ।

ବ୍ରହ୍ମପୁର ସହରକୁ ପାଣି ଯୋଗାଇବା ପାଇଁ ୧୮୯୪ ମସିହାରେ ଭଞ୍ଜନଗର ଜଳଭଣ୍ଡାର ନିର୍ମାଣ ହୋଇଥିଲା। ସେ ସମୟରେ ଅଳ୍ପ କିଛି ଅଞ୍ଚଳକୁ ଜଳସେଚନ ବ୍ୟବସ୍ଥା ହୋଇଥିଲା। ବର୍ଷାଦିନେ ଜଳଭଣ୍ଡାରର ବଳକା ପାଣି ଯାଇ ସମୁଦ୍ରରେ ପଡୁଥିଲା। କିଛିବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ଜଳର ସୁବିନିଯୋଗ ପାଇଁ ବାମ କେନାଲର ଶିଳାନ୍ୟାସ କରିଥିଲେ। ଜମି ଅଧିଗ୍ରହଣ ସମସ୍ୟା, ଠିକାଦାରଙ୍କ ଅବହେଳା, ଚାଷୀଙ୍କ ବିରୋଧ ଆଦି କାରଣ ଯୋଗୁ ବର୍ତ୍ତମାନ ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଜଳସେଚନ ସୁବିଧା ଥିଲେ ଚାଷୀ ଅସୁବିଧାରେ ପଡ଼ି ନଥାନ୍ତେ। ସେହିପରି ହରଭଙ୍ଗୀ ପ୍ରକଳ୍ପରୁ ପାଇପ୍ ଯୋଗେ ଆସିକା ଓ ଶେରଗଡ଼ ବ୍ଲକର ୩୨ଟି ଗ୍ରାମର ୨୮ଶହ ହେକ୍ଟର ଜମିକୁ ଜଳସେଚନ ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟ ମଧ ବିଭିନ୍ନ କାରଣ ଯୋଗୁ ମନ୍ଥର ଗତିରେ ଚାଲିଛି। ପାଇପ୍ ଲାଇନ କାମ ପାଇଁ ୮୧ କୋଟି ଟଙ୍କା ଖର୍ଚ୍ଚ ହେଉଥିବା ବେଳେ କେନାଲ ସମ୍ପ୍ରସାରଣ ପାଇଁ ୫୩ କୋଟି ଟଙ୍କା ଖର୍ଚ୍ଚ ହେଉଛି । ପାଇପ୍ ଲାଇନ୍ କାମ ଗତ ଜୁଲାଇ ସୁଦ୍ଧା ସରିବାକୁ ଲକ୍ଷ୍ୟ ରଖାଯାଇଥିଲା । କାମ ନ ସରି ନଥିବାରୁ ସରକାର ପୁଣି ଚଳିତ ବର୍ଷ ଜୁଲାଇ ପର୍ଯ୍ୟନ୍ତ ସମୟ ରଖିଛନ୍ତି। କେନାଲ ସମ୍ପ୍ରସାରଣ କାମ ମଧ ଆସନ୍ତା ଏପ୍ରିଲ ସୁଦ୍ଧା ସାରିବା ପାଇଁ ସମୟ ବଢ଼ାଇଛନ୍ତି। ଉପଖଣ୍ଡର ଅଧିକାଂଶ ବୃହତ ଉଠାଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନାହିଁ ।

ଅନ୍ୟପଟେ ଚାଷୀ ଅଦିନିଆ ବର୍ଷା ପରେ ଯାହାକିଛି ଧାନ ପାଇଥିଲା ତାକୁ ବିକ୍ରି କରିବାକୁ ଗଲେ ମିଲରମାନେ ଖରାପ ଧାନ ଦର୍ଶାଇ ଫେରାଇ ଦେଉଛନ୍ତି। ସୋସାଇଟି ଗୁଡ଼ିକରେ ମଣ୍ଡି ଖୋଲିବା ବ୍ୟବସ୍ଥା ଥିଲେ ମଧ ତାହା କେବଳ କାଗଜ କଲମରେ ରହିଯାଇଛି। ଏ ନେଇ ଅସନ୍ତୋଷ ବଢୁଥିବା ବେଳେ ଆଗାମୀ ଦିନରେ ଏଥିପାଇଁ ଚାଷୀମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡ଼ିଛି । ସୋସାଇଟିରେ ସାଧାରଣ ଧାନ କୁଇଣ୍ଟାଲ ପିଛା ୧୯୪୦ ଟଙ୍କାରେ ବିକ୍ରି କରିବା ବ୍ୟବସ୍ଥା ଅଛି । କିନ୍ତୁ ଅଧିକାଂଶ ଧାନ ମିଲର ନେଉ ନ ଥିବା ଯୋଗୁ ଚାଷୀମାନେ ବାଧ ହୋଇ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ଏପଟେ ଚାଷୀଙ୍କ ସମସ୍ୟା ବୁଝିବାକୁ କାହାରି ସମୟ ନାହିଁ। ଶାସକ ଦଳ ଠାରୁ ଆରମ୍ଭ କରି ସବୁ ଦଳର ନେତାମାନେ ବର୍ତ୍ତମାନ ପଞ୍ଚାୟତ ନିର୍ବାଚନ ଚିନ୍ତା ଘାରିଛି। ଏହାର ଫାଇଦା ଉଠାଉଛନ୍ତି କିଛି ମିଲର ଓ କର୍ମଚାରୀ। କୃଷକ ନେତା ଗୋପାଳ କୃଷ୍ଣ ବିଷୋୟୀ କହିଛନ୍ତି, ଶାସକ ଦଳକୁ ମୁକାବିଲା କରିବାକୁ ବିରୋଧୀ ଦଳଗୁଡ଼ିକ ସକ୍ଷମ ନୁହଁନ୍ତି। ଏହାର ଫାଇଦା ମିଲର ଏବଂ ଅଫିସରମାନେ ଉଠାଉଛନ୍ତି । ସରକାର ତୁରନ୍ତ ସମସ୍ତ ଧାନ କିଣିବା ବ୍ୟବସ୍ଥା କରନ୍ତୁ। ନଚେତ ଚାଷୀ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ବିଷୋୟୀ କହିଛନ୍ତି। ଭଞ୍ଜନଗର ଜଳସମ୍ପଦ ବିଭାଗ ନିର୍ବାହୀଯନ୍ତ୍ରୀ ଗୋକୁଳ ପାଢ଼ୀ କହିଛନ୍ତି, ବାମ କେନାଲର ମୁଖ୍ୟ କେନାଲ କାମ ୧୦ କି.ମି. ପର୍ଯ୍ୟନ୍ତ ସରିଛି। ବଳକା ୫ କି.ମି .କାର୍ଯ୍ୟ ସାରିବା ପାଇଁ ଟେଣ୍ଡର ହୋଇଛି । ଶାଖା କେନାଲ କାମ କଲେ ଜମି ଅଧିଗ୍ରହଣ ସମସ୍ୟା ରହୁଛି। ତେଣୁ ପାଇପ୍ ଯୋଗେ ଅଣ୍ଡର ଗ୍ରାଉଣ୍ଡ ମାଧମରେ ଜମିକୁ ପାଣିକୁ ଯୋଗାଇବା ଲକ୍ଷ୍ୟ ରଖାଯାଇଛି । ଏଥିପାଇଁ ପ୍ରସ୍ତୁତି ଚାଲିଛି । ହରଭଙ୍ଗୀ ପ୍ରକଳ୍ପ ସହକାରୀ ନିର୍ବାହୀଯନ୍ତ୍ରୀ ଆଲୋକ ପ୍ରଧାନ କହିଛନ୍ତି, ପାଇପ୍ ଲାଇନ୍ କାମ ୬୦ ପ୍ରତିଶତ ସରିଥିବା ବେଳେ କେନାଲ ସଂପ୍ରସାରଣ କାମ ୫୦ ପ୍ରତିଶତ ସରିଛି । ନିର୍ଦ୍ଧାରିତ ସମୟ ପୂର୍ବରୁ ଉଭୟ କାମ ସରିବ।

## ନିର୍ବାଚନ ପ୍ରଚାରରେ ନେତା, ଧାନ ଧରି ଚାଷୀ ହୀନସ୍ତା

# ରାଜବୀରଙ୍କ ଚିକିତ୍ସା ଲାଗି ୧.୧୫ ଲକ୍ଷର ସହାୟତା

**ଛତ୍ରପୁର,୨।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲାର ୨୨ ମାସର ଶିଶୁ ରାଜବୀର ରଣା ସ୍ପାଇନାଲ ମସ୍କ୍ୟୁଲାର ଆଟ୍ରୋପି ଟାଇପ -୨ ରୋଗରେ ପୀଡିତ। ଏହି ରୋଗର ଚିକିତ୍ସା ପାଇଁ ୧୬ କୋଟି ଟଙ୍କା ମୂଲ୍ୟର ଏକ ଇଞ୍ଜେକ୍ସନ ଆବଶ୍ୟକ ପଡୁଛି । ଏଥିଲାଗି ସାହାଯ୍ୟ କରିବାକୁ ରାଜବୀରଙ୍କ ମା' ତମାଲିକା ରଣା ସବୁଠି ନିବେଦନ କରି ଆସୁଛନ୍ତି। ବର୍ତ୍ତମାନ ସୁଦ୍ଧା ୧କୋଟି ୧୦ ଲକ୍ଷ ଟଙ୍କା ସେ ସଂଗ୍ରହ କରିଥିବା ବେଳେ ଆହୁରି ୧୪ କୋଟି ୯୦ ଲକ୍ଷ ଆବଶ୍ୟକ ପଡୁଛି। ଛତ୍ରପୁର ରକ୍ତଦାତା ସେବକ ସଂଘ ସ୍ଥାନୀୟ ଅଞ୍ଚଳରୁ ୧ ଲକ୍ଷ ଟଙ୍କା ସଂଗ୍ରହ କରି ଏକ ଡ୍ରାଫ୍ଟ ରାଜବୀରଙ୍କ ମା'ଙ୍କୁ ପ୍ରଦାନ କରିଛି। ସେହିପରି ଅଗସ୍ତିନୂଆଗାଁର ବାପି ଦାସ ୧୫ ହଜାର ଟଙ୍କା ଦେଇଛନ୍ତି। ସହାୟତା ପ୍ରଦାନ ବେଳେ ଛତ୍ରପୁର କ୍ୟାଡର ଏପିପି ରାଜେଶ କୁମାର ମିଶ୍ର, ଥାନା ଆଇଆଇସି ସତ୍ୟରଞ୍ଜନ ପ୍ରଧାନ, ଏ ରାବଣା ରାଓ, ସଂଜିତ କୁମାର ରାଉଳ, ବି ଶ୍ରୀନିବାସ, ସେବା ସଂଘର ପ୍ରଶାନ୍ତ କୁମାର ପଣ୍ଡା, ମାଧବ କାୟା, ଏସ ରାମକୃଷ୍ଣ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ।



ଚେକ ପ୍ରଦାନ କରାଯାଉଛି।

## ବିଜେଡିର କର୍ମୀ ସମ୍ମିଳନୀ

**ଗୋପାଳପୁର,୨।୨(ଡି.ଏନ.ଏ.)**

ରଙ୍ଗେଇଲୁଣ୍ଡା ବ୍ଲକରେ ବୁଧବାର ଏହି ନିର୍ବାଚନ ମଣ୍ଡଳୀ ୫୫ନଂ. ଜୋନ ମାଣ୍ଡିଆପଲୀଠାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ୫୫ନଂ ଜିଲା ପରିଷଦ ସଭ୍ୟ ଶଶିଭୂଷଣ ମହାନ୍ତି ଅଧକ୍ଷତା କରିଥିଲେ । ଏହି ଜୋନ୍‌ର ୯ଟି ପଞ୍ଚାୟତର ଆଗଧାଡ଼ିର ନେତା ଓ ମହିଳାମାନେ ଉପସ୍ଥିତ ଥିଲେ। ଗତ ପଞ୍ଚାୟତ ନିର୍ବାଚନ ଠାରୁ ଚଳିତ ନିର୍ବାଚନରେ ବିଜେଡି ଯେଭଳି ଅଧିକ ଭୋଟ ହାତେଇବ ସେନେଇ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ସିଏଚ୍ ଭରତ ପାତ୍ର, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧକ୍ଷ ଅଜିତ କୁମାର ଦାସ, ରାମହରି ପାତ୍ର, ଶିବରାମ ପାତ୍ର, ବିଷ୍ଣୁପ୍ରିୟା ନାୟକ, ଅଜୁ ନାୟକ, ଡିଲେଶ୍ୱର ରେଡ୍ଡୀ ଓ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ସେହିପରି ୫୪ନଂ ଜୋନ୍‌ର ବିଜେଡି ପ୍ରାର୍ଥୀ ଦୀପକ କୁମାର ସାମନ୍ତ ଟିକରଡ଼ା ଓ ଇନ୍ଦ୍ରାକ୍ଷୀ ପଞ୍ଚାୟତରେ ପହଞ୍ଚି ଭୋଟ ଭିକ୍ଷା କରିଥିଲେ। ଏହି ଅବସରରେ ଜିଲା ବିଜେଡି ସଭାନେତ୍ରୀ ସଂଘମିତ୍ରା ଦଳେଇ, ବିନୋଦ କୁମାର ଗୌଡ଼ ମଞ୍ଜୁଶ୍ରୀ ଦଳେଇ, ଅସନ୍ତୁଲୁ ରେଡ୍ଡୀ, ନାଗେଶ୍ୱର ରେଡ୍ଡୀ ପ୍ରମୁଖ ପ୍ରଚାର ଜୋରଦାର କରିଥିଲେ।

## ମାଷ୍ଟର ଟ୍ରେନରଙ୍କୁ ତାଲିମ

**ପାରଳାଖେମୁଣ୍ଡି,୨।୨(ଡି.ଏନ୍.ଏ.)**

ଗଜପତି ଜିଲାର ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଅତିରିକ୍ତ ଜିଲାପାଳଙ୍କ ଅଧକ୍ଷତାରେ ମାଷ୍ଟର ଟ୍ରେନରମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ପଞ୍ଚାୟତ ଅଧିକାରୀ ତାଲିମ ନେଇଥିଲେ। ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା ପୋଲିଂ ଅଫିସରମାନଙ୍କର ଦାୟତ୍ୱ ଓ କର୍ତ୍ତବ୍ୟ ଉପରେ ଆଲୋକପାତ କରିଥିଲେ। ଗ୍ରାମପଞ୍ଚାୟତର ନିୟମ ଓ ପ୍ରିଜାଇଡିଂ ଅଫିସର ହ୍ୟାଣ୍ଡବୁକ୍ ଅନୁସାରେ ନିର୍ବାଚନ କାର୍ଯ୍ୟ ପରିଚାଳନା କରିବାକୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହି ମାଷ୍ଟର ଟ୍ରେନରମାନେ ସମ୍ପୃକ୍ତ ବ୍ଲକ ସଦର ମହକୁମା ପୋଲିଂ ଅଫିସରମାନଙ୍କୁ ତାଲିମ ଦେବେ। ତାଲିମ କାର୍ଯ୍ୟକ୍ରମରେ ଉପଜିଲାପାଳ ଦିଲୀପ କୁମାର ମହାରଣା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଅନାମ ଚରଣ ପାତ୍ର, ସମସ୍ତ ନୋଡାଲ ଅଫିସର, ଜିଲା ପଞ୍ଚାୟତ ଅଧିକାରୀ ଉଲାସ ସେଠୀ, ସହକାରୀ ଜିଲାପାଳ ଝୁବୁଲି ଚରଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗଡ଼ ବଜାୟ ରଖିବାକୁ ଭାଜପାର ପ୍ରୟାସ

## କ.ନୂଆଗାଁ ବ୍ଲକ ୧ ନଂ ଜିଲା ପରିଷଦ ଜୋନ୍

**କ.ନୂଆଗାଁ,୨।୨(ଡି.ଏନ୍.ଏ.)**

କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକ ୧ ନଂ ଜିଲା ପରିଷଦ ଜୋନ୍‌ରେ ୩ ପ୍ରମୁଖ ଦଳର ପ୍ରାର୍ଥିନୀ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି। ଆଡିମାହା, ମହାସିଙ୍ଗି, ସିର୍ଡିଗୁଡା, ଲେଟିଙ୍ଗିଆ, କାଞ୍ଚମେଣ୍ଡି, କୁଡୁତୁଲି, ସାଇନ୍‌ପଡ଼ା, ସାରଙ୍ଗଡ଼, ବଣ୍ଡଗୁଡା, ଜିରିଡ଼ିକିଆ, ଚାଞ୍ଚେଡି, ବାଲିଗାଡ଼ା, ଗାନ୍ଧ୍ରିଗାଁ ଆଦି ୧୪ଟି ପଞ୍ଚାୟତକୁ ନେଇ ଏହି ଜୋନ୍ ଗଠିତ। ଏଥିରେ ମୋଟ ୧୭୭ ୱାର୍ଡ ରହିଥିବା ବେଳେ ଭୋଟର ସଂଖ୍ୟା ୪୦,୬୦୮ । ସେମାନଙ୍କ ମଧ୍ୟରେ ୨୧,୧୭୪ ମହିଳା ଓ ୧୯,୪୩୪ ପୁରୁଷ ଭୋଟର। ବ୍ଲକର ସାରଙ୍ଗଡ଼ ପଞ୍ଚାୟତରେ ସର୍ବାଧିକ ୫,୪୧୭ ଭୋଟର ଥିବା ବେଳେ ଲେଟିଙ୍ଗିଆରେ ସର୍ବନିମ୍ନ ୧୫୩୫ ଜଣ ଭୋଟର ଅଛନ୍ତି। ବ୍ଲକରେ ମହିଳାଙ୍କ ଭୋଟର ଅଧିକ ଥିବାରୁ ଜୟ ପରାଜୟରେ ସେମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବେ।

ଜିଲା ପରିଷଦ ନିର୍ବାଚନ ରଣାଙ୍ଗନରେ କଂଗ୍ରେସରୁ ରେଖା ପ୍ରଧାନ , ଭାଜପାରୁ ମିରା ନାୟକ ଓ ବିଜେଡ଼ିରୁ ଅନିତା ମାଲିକ ପ୍ରାର୍ଥୀ ହୋଇଛନ୍ତି। ଅନିତା ପୂର୍ବରୁ ସରପଞ୍ଚ ହୋଇ ରାଜନୀତିରେ ଅଭିଜ୍ଞତା ହାସଲ କରିଥିବା ବେଳେ କଂଗ୍ରେସ ଓ ଭାଜପା ପ୍ରାର୍ଥିନୀ ସମ୍ପୂର୍ଣ୍ଣ ନୂଆ । ଜିଲା ପରିଷଦ ଗଠନ ହେବାଠାରୁ କଂଗ୍ରେସ ୨ଥର ଭାଜପା ଲଗାତର ୩ ଥର ଏହି ଆସନ ହାତେଇ ଥିବାବେଳେ ବିଜେଡି ସୁଯୋଗ ପାଇନାହିଁ। ଗତ ଜିଲା ପରିଷଦ ନିର୍ବାଚନରେ ଭାଜପାରୁ ବିମଳା ଦିଗାଲ ବିଜେଡିର ପୂର୍ଣ୍ଣିମା ଦିଗାଲକୁ ପରାଜିତ କରିଥିଲେ। ବିଜେଡ଼ିର ଗୋଷ୍ଠୀ କନ୍ଦଳ ଯୋଗୁ ଭାଜପା ଜିତିବାରେ ସହାୟକ ହୋଇଥିଲା। ଚଳିତଥର ଭଜପା ତାର ଗଡ ବଜାୟ ରଖିବାକୁ ପ୍ରୟାସ ଜାରି ରଖିଛି। ଅନ୍ୟପଟେ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କର ଏହା ନିଜ ବ୍ଲକ ହୋଇଥିବା ଯୋଗୁ ସେ ଦଳୀୟ ପ୍ରାର୍ଥିନୀ ଅନିତାଙ୍କୁ ଜିତାଇବା ପାଇଁ ଉଦ୍ୟମ ଚଳାଇଛନ୍ତି। କଂଗ୍ରେସ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୁର୍ନୀତିକୁ ଅସ୍ତ୍ର କରି ବିଜୟୀ ହେବା ଆଶା ରଖିଛି।

# ନିର୍ବାଚନ ପାଇଁ ଲୋକଙ୍କୁ ସଚେତନ କଲା ପୋଲିସ

**ଆର.ଉଦୟଗିରି,୨।୨(ଡି.ଏନ.ଏ.)**

ଆର୍.ଉଦୟଗିରି ଥାନା ତରଫରୁ ସ୍ଥାନୀୟ ଗ୍ରାମରେ ଡାକବାଜି ଯନ୍ତ୍ର ମାଧମରେ ଲୋକଙ୍କୁ ସଚେତନ କରାଯାଇଥିଲା। ଆଗକୁ ହେବାକୁ ଥିବା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ନେଇ ଗ୍ରାମପଞ୍ଚାୟତରେ ରାଜନୀତି ଉଷ୍ମତା ବଢିବାରେ ଲାଗିଛି। ପ୍ରତିନିଧିମାନେ ନିଜର ସମର୍ଥନର ପ୍ରାର୍ଥୀମାନଙ୍କୁ ନେଇ ପ୍ରଚାର ଆରମ୍ଭ କରିଛନ୍ତି। ହିଂସାମୁକ୍ତ ନିର୍ବାଚନ କରିବାକୁ ଆର.ଉଦୟଗିରି ପୋଲିସ ପ୍ରଶାସନ ଲୋକମାନଙ୍କୁ ସଚେତନ କରୁଛି। ଗଜପତି ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଆର.ଉଦୟଗିରି ଥାନା ଅଧିକାରୀ ରବୀନ୍ଦ୍ର କୁମାର ପଣ୍ଡାଙ୍କ ସହ ଏସ୍ଆଇ ଓ ଅନ୍ୟ କର୍ମଚାରୀମାନେ ଫ୍ଲାଗ୍‌ମାର୍ଚ୍ଚରେ ସାମିଲ ହୋଇଥିଲେ।

# ପ୍ରଚାର ମଞ୍ଚ ଧରିଲେ ବିଧାୟିକା



ନିର୍ବାଚନୀ ସଭାରେ ବିଧାୟିକା ଉଦ୍‌ବୋଧନ ଦେଉଛନ୍ତି।

**ଆସିକା,୨।୨(ଡି.ଏନ.ଏ)**

ଆସିକା ବ୍ଲକର ୪ଟି ଜିଲା ପରିଷଦ ଆସନ ଲାଗି ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ପ୍ରଚାର ମଞ୍ଚ ଧରିଛନ୍ତି । ବୁଧବାର ବଡଖୋଲି ପଞ୍ଚାୟତରୁ ପ୍ରଚାର ଆରମ୍ଭ କରାଯାଇଥିଲା। ବିଧାୟିକା ସ୍ୱାଇଁ ବିଜେଡି ସରକାରର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ୧ ନଂ. ଜୋନ୍ ଜିଲା ପରିଷଦ ପ୍ରାର୍ଥିନୀ ତନ୍ମୟୀ ନାହାକଙ୍କୁ ବିଜୟୀ କରିବା ଲାଗି ସେ ନିବେଦନ କରିଥିଲେ। ଏଥିସହ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟ ପ୍ରାର୍ଥୀଙ୍କୁ ମଧ ବିପୁଳ ଭୋଟରେ ବିଜୟୀ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଯୁବନେତା ଭଗବାନ ସାହୁ, ଶିବ ନାହାକ, ଦିଲୀପ ପାଣିଗ୍ରାହୀ, ସତ୍ୟନାରାୟଣ ସ୍ୱାଇଁ, ଅନିମା ପରିଡା, ମନୋଜ ଦୋରାଙ୍କ ସମେତ ବହୁ କର୍ମୀ ସାମିଲ ଥିଲେ। ଅପରପକ୍ଷେ ବିଜେଡିର ଅନ୍ୟ ଏକ ଗୋଷ୍ଠୀ ପକ୍ଷରୁ ମଧ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି। ବ୍ଲକ ଅଧକ୍ଷ ହରେକୃଷ୍ଣ ମଲିକ ଓ ଭବାନୀଶଙ୍କର ମଲିକଙ୍କ ନେତୃତ୍ୱରେ ନିମିନା ପଞ୍ଚାୟତରୁ ପ୍ରଚାର ଅଭିଯାନ ଆରମ୍ଭ କରାଯାଇଛି।

# ଡକରବାଡ଼ି, ଗବାଟବାଡ଼ିରେ ପାନୀୟ ଜଳ ସମସ୍ୟା

**ଦାରିଙ୍ଗବାଡ଼ି,୨।୨(ଡି.ଏନ.ଏ)**

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ଡକରବାଡ଼ି ଏବଂ ଗବାଟବାଡ଼ି ଗ୍ରାମରେ ଏବେଠୁ ପାନୀୟ ଜଳ ସମସ୍ୟା ଦେଖାଦେଲାଣି। ଗ୍ରାମବାସୀ ନିକଟସ୍ଥ ଚୁଆ, ନାଳରୁ ଜଳ ସଂଗ୍ରହ କରି ପିଇବା ଆରମ୍ଭ କଲେଣି। ଏହାକୁ ନେଇ ଉଭୟ ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ଜଳଯୋଗାଣ ଦାୟିତ୍ୱରେ ଥିବା ଅସ୍ଥାୟୀ କର୍ମଚାରୀଙ୍କୁ ଜଣାଇଥିଲେ ସୁଦ୍ଧା ସୁଫଳ ମିଳୁନି। ପାଇପ ଯୋଗେ ଜଳ ଯୋଗାଣ ବନ୍ଦ ରହିଛି। ଡକରବାଡ଼ି ଗ୍ରାମର ଅନେକ ସ୍ଥାନରେ ପାଇପ ଫାଟି ରହିଥିଲେ ସୁଦ୍ଧା ମରାମତି କରାଯାଉନାହିଁ। ସରକାରଙ୍କ ବସୁଧା ଯୋଜନାରେ ଜଳ ଯୋଗାଣ ପାଇଁ ଘରକୁ ପାଇପ ଯୋଗାଇ ଦିଆଯାଇଥିଲେ ସୁଦ୍ଧା ଘରକୁ ଠିକ ଭାବେ ଜଳ ପହଞ୍ଚା ଯାଇନାହିଁ । ଉଭୟ ଗ୍ରାମ ପାଖାପାଖି ରହିଥିବାରୁ ଗୋଟିଏ ପାଣି ଟାଙ୍କିରୁ ଜଳ ଯୋଗାଣ କରାଯାଉଛି । ତେବେ ଜଳ ଯୋଗାଣ ବନ୍ଦ କରାଗଲେ ଉଭୟ ଗ୍ରାମ ପ୍ରଭାବିତ ହେଉଛି। ପିଇବା ପାଣି ପାଇଁ ବହୁ ହଇରାଣ ହେଉଛୁ ବୋଲି ଗ୍ରାମର ନିଳମଣି ସାହୁ, ରାମଦେଉ ପ୍ରଧାନ, ମେସୁରା ପ୍ରଧାନ ପ୍ରମୁଖ କହିଛନ୍ତି। ଶୀଘ୍ର ଜଳଯୋଗାଣ ବ୍ୟବସ୍ଥା କରିବା ପାଇଁ ଉପରୋକ୍ତ ୨ ଗ୍ରମବାସୀ ଦାବି କରିଛନ୍ତି।



ଷ୍ଟାଣ୍ଡପୋଷ୍ଟ ଶୁଖିଲା ପଡ଼ିଛି।


# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ

## (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

### ବିଜ୍ଞପ୍ତି

ପତ୍ର ସଂଖ୍ୟା: ୦୨/ଡି.ସି.ପି.ୟୁ./୨୦୨୨ ତା:୦୩।୦୧।୨୦୨୨

No. g-69: ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, **ବର୍ଷାରାଣୀ ଗୌଡ଼**, ପିତା: ସୁଦାମ ଗୌଡ଼, ମାତା: ୰ସୁଦେଷ୍ଣା ଗୌଡ଼, ଗ୍ରାମ: ଦେବଭୂମି, ଥାନା: ଆସିକା, ଗଞ୍ଜାମ ନାମକ ଏକ ଶିଶୁ କନ୍ୟା ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି, ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରସ୍ଥିତ ଉତ୍କଳ ବାଳାଶ୍ରମଠାରେ ଯତ୍ନ ଓ ସୁରକ୍ଷା ସହିତ ରହି ଆସୁଅଛି।

ବର୍ତ୍ତମାନ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ, ଉପରୋକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: ୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧ୍ୟରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁ କନ୍ୟାଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ଶିଶୁର ନାମ | ଲିଙ୍ଗ | ବୟସ | CWC Case ନମ୍ବର | ବର୍ତ୍ତମାନ ରହିଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | **ବର୍ଷାରାଣୀ ଗୌଡ଼** | ଝିଅ | ପ୍ରାୟ ୮ବର୍ଷ | 1330/ 2019 | ଉତ୍କଳ ବାଳାଶ୍ରମ, ବ୍ରହ୍ମପୁର |  |

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୦୯।୦୫।୨୦୨୦ରିଖରେ ଏକ ଶିଶୁ କନ୍ୟା **ଚାନ୍ଦିନୀ ସେଠୀ**, ପିତା: ରଘୁନାଥ ସେଠୀ, ମାତା: ଅନୁସାୟା ସେଠୀ, ଗ୍ରାମ: ଦଣ୍ଡାସି ବଞ୍ଜର, ଥାନା: ଭଞ୍ଜନଗରଠାରୁ ତହସିଲଦାର ଭଞ୍ଜନଗରଙ୍କ ନିର୍ଦ୍ଦେଶକ୍ରମେ ଚାଇଲଡ ଲାଇନ, ବ୍ରହ୍ମପୁର ଦ୍ୱାରା ଏକା ଗ୍ରାମରେ ବୁଲୁଥିବା ସମୟରେ ଉଦ୍ଧାର କରାଯାଇ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିରେ ହାଜର କରାଯାଇ କମିଟିର ନିର୍ଦ୍ଦେଶକ୍ରମେ ଶିଶୁଟିକୁ ବର୍ତ୍ତମାନ ବାଲ୍ମିକେଶ୍ୱର ଅନାଥ ଆଶ୍ରମ ଧରାକୋଟଠାରେ ସୁରକ୍ଷିତ ଭାବରେ ଥଇଥାନ କରାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: ୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩ ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: ୯୪୩୭୪୨୦୯୯୦କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧ୍ୟରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | **ଚାନ୍ଦିନୀ ସେଠୀ** | ଝିଅ | ୫ ବର୍ଷ | 262/ 2020 | ଦଣ୍ଡାସି ବଞ୍ଜର, ଭଞ୍ଜନଗର |  |

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗତ ତା୩୦।୦୭।୨୦୨୧ରିଖରେ ଏକ ନବଜାତ ଶିଶୁପୁତ୍ର ଶେରଗଡ଼ ଥାନା/ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଛାଇ ଗ୍ରାମର ନୂଆଁସାହି ବନ୍ଧ ନିକଟରୁ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର କରାଯାଇ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କଠାରେ ହାଜର କରାଯାଇ କମିଟିର ନିର୍ଦ୍ଦେଶ ଅନୁସାରେ ଶିଶୁଟିର ଉତ୍ତମ ଚିକିତ୍ସା ପରେ ବର୍ତ୍ତମାନ SAA, ଉତ୍କଳ ବାଳାଶ୍ରମ, ବ୍ରହ୍ମପୁରଠାରେ ସୁରକ୍ଷିତ ଭାବରେ ରଖାଯାଇଅଛି। ଉକ୍ତ ଶିଶୁଟିର ଯଦି କେହି ଜନ୍ମିତା ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୩୦ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ଫୋନ୍: **୯୪୩୭୪୨୦୯୯୦** ଓ କାର୍ଯ୍ୟାଳୟ: ୦୬୮୦-୨୨୮୧୦୧୨କୁ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ନେଇଯିବାକୁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଟିକୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ଉଦ୍ଧାର କରାଯାଇଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | **ଜଣା ନାହିଁ** | ପୁଅ | ଜନ୍ମ ୩୦।୦୭।୨୧ | 2345/21 | ନୂଆଁସାହି ବନ୍ଧଠାରୁ ବ୍ରହ୍ମଣଛାଇ ଥାନା/ବ୍ଲକ, ଶେରଗଡ଼ |  |

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟଠାରେ ଅବସ୍ଥିତ ବାଲ୍ମିକେଶ୍ୱର ଅନାଥ ଆଶ୍ରମଠାରେ ଜରଡ଼ା ଥାନା, ସାମନ୍ତରାପୁର ପଞ୍ଚାୟତ ଅନ୍ତର୍ଗତ ତାଳପଦର ଗ୍ରାମର ଦୁଇ ଭାଇଭଉଣୀ **ଶିବରାମ ଶବର ଓ କୁନି ଶବର**, ପିତା: ୰ଡମ୍ବରୁ ଶବର ଓ ମାତା: ୰ଖୁରି ଶବର ଏହି ଦୁଇ ଶିଶୁ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ରହି ଆସୁଛନ୍ତି। ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ ଯଦି ଏହି ଶିଶୁଙ୍କର ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧ୍ୟରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟଯୋଗ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | ବୟସ | CWC Case ନମ୍ବର | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|---|
| ୧ | **ଶିବରାମ ଶବର** | ପୁଅ | ୧୨ ବର୍ଷ | 275/21 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୨ | **କୁନି ଶବର** | ଝିଅ | ୮ ବର୍ଷ | 126/21 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**

ଏତଦ୍ୱାରା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଧରାକୋଟଠାରେ ଅବସ୍ଥିତ ବାଲ୍ମିକେଶ୍ୱର ଅନାଥ ଆଶ୍ରମଠାରେ ଜରଡ଼ା ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ସ୍ୱର୍ଗତ M ହତା ନାମକ ଜଣେ ବ୍ୟକ୍ତିଙ୍କ ତିନି ଝିଅ **M ସୁନିତା, M ପୁଷ୍ପା, ଓ M ସଙ୍ଗୀତା** ଉକ୍ତ ଅନୁଷ୍ଠାନରେ ଗଞ୍ଜାମ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ରହି ଆସୁଛନ୍ତି।

ବର୍ତ୍ତମାନ ଜିଲ୍ଲା ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶକ୍ରମେ ଜଣାଇ ଦିଆଯାଉଛି ଯେ ଉପରୋକ୍ତ ତିନିଗୋଟି ଶିଶୁ କନ୍ୟାଙ୍କ ଯଦି କେହି ଜନ୍ମିତ ପିତା, ମାତା କିମ୍ବା ଅଭିଭାବକ ଓ ଆଇନ୍‌ସିଦ୍ଧ ଦାବିଦାର ଥାଆନ୍ତି, ତେବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଗଞ୍ଜାମ, ଛତ୍ରପୁରଙ୍କ କାର୍ଯ୍ୟାଳୟ, ରିକାପଲ୍ଲୀ, ଛତ୍ରପୁର, ଫୋନ ନମ୍ବର: **୦୬୮୧୧-୨୬୦୧୮୮/୯୪୩୯୪୫୮୭୭୩** ଏବଂ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ, ବ୍ରହ୍ମପୁରଙ୍କ ଫୋନ୍: **୯୪୩୭୪୨୦୯୯୦**କୁ ଫୋନ ଓ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ଉପଯୁକ୍ତ ପ୍ରମାଣ ଦେଇ ବିଜ୍ଞାପନ ପ୍ରକାଶ ପାଇବାର ୬୦ଦିନ ମଧ୍ୟରେ ନେଇଯିବା ପାଇଁ ଅନୁରୋଧ। ଯଦି ଉପରୋକ୍ତ ସମୟ ସୀମା ମଧ୍ୟରେ କେହି ଦାବିଦାର ଦାବି ଉପସ୍ଥାପନ ନ କରନ୍ତି ତେବେ ଉକ୍ତ ଶିଶୁଙ୍କୁ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ ୨୦୧୫ ଅନୁଯାୟୀ ପୋଷ୍ୟ ନିମନ୍ତେ ଆଇନତଃ ଦାୟମୁକ୍ତ ଘୋଷଣା କରାଯିବ।

| କ୍ର.ନଂ. | ନାମ | ଲିଙ୍ଗ | CWC Case ନମ୍ବର | ବର୍ତ୍ତମାନ ରହୁଥିବା ସ୍ଥାନ | ଫଟୋ |
|---|---|---|---|---|---|
| ୧ | **M ସୁନିତା** | ଝିଅ | 1253/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୨ | **M ସଙ୍ଗୀତା** | ଝିଅ | 1255/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |
| ୩ | **M ପୁଷ୍ପା** | ଝିଅ | 1254/17 | ବାଲ୍ମିକେଶ୍ୱର ଅନାଥ ଆଶ୍ରମ, (ଧରାକୋଟ) |  |

OIPR-33041/11/0001/2122

**ସ୍ୱା./– ଜିଲ୍ଲାପାଳ, ଗଞ୍ଜାମ**

